ସମାଜ
କଟକ, ତା ୨୭।୭।୪୮ ସୋମବାର

ଶାସନ ଓ ବିଚାର

ଆଜି ସକାଳ ୯ଟା ବେଳେ ଓଡ଼ିଶାର ହାଇକୋର୍ଟ ଭବନ ସମ୍ମୁଖରେ ସ୍ୱତନ୍ତ୍ର ନିର୍ମିତ ରଙ୍ଗମଞ୍ଚରେ ଓଡ଼ିଶାର ମାନ୍ୟବର ଲାଟଙ୍କ ସଭାପତିତ୍ୱରେ, ସୁଦ୍ଧ ଲାଟ ଡକ୍ଟର କାଟଜୁଙ୍କ ଉପସ୍ଥିତିରେ, ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ସାର ଅଡ଼ିଓ୍ୱାଲଙ୍କ ଆବାହନରେ, ନବନିଯୁକ୍ତ ହାଇକୋର୍ଟର ମାନ୍ୟବର ପ୍ରଧାନ ଓ ସଙ୍ଗୀ ବିଚାରପତିମାନଙ୍କର ତଥା ହାଇ-କୋର୍ଟର ସଂସ୍ଥାପନା ଉତ୍ସବ ଭାରତର ମାନ୍ୟବର ପ୍ରଧାନ ବିଚାରପତି ସାର ହରିଲାଲ କାନିଆ ଙ୍କ ଦ୍ୱାରା ଅନୁଷ୍ଠିତ ହେଲା । ଆଜିଠାରୁ ଓଡ଼ିଶା ହାଇକୋର୍ଟର ପାଟଣା ହାଇକୋର୍ଟ ସହିତ ସମ୍ପର୍କ ତୁଟିଲା । ଓଡ଼ିଶା ହାଇକୋର୍ଟର ମାନ୍ୟବର ପ୍ରଧାନ ଓ ସଙ୍ଗୀ ବିଚାରପତିମାନେ ଶାସନର ବିଚାର ଦଣ୍ଡ ହାତରେ ଧରି ଶାସନର ଅଧିକାରୀ ରୂପେ ନ୍ୟାୟଶାସନ ନିର୍ବାହ କଲେ । ଏ ସମ୍ବନ୍ଧରେ ଆଜି ଯେଉଁସବୁ ଶୁଭେଚ୍ଛାପୂର୍ଣ୍ଣ ଉଦ୍‌ବୋଧନ-ଭାଷଣମାନ ଦିଆଗଲା, ସେସବୁରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କୁହାଯାଇଛି । ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ମାନ୍ୟବର ଜଷ୍ଟିସ ଅଗ୍ରଓ୍ୱାଲ ଯଥାର୍ଥରେ ତାଙ୍କ ନିଜ ପକ୍ଷରୁ ଓ ପାଟଣା ହାଇକୋର୍ଟର ସଙ୍ଗୀ ବିଚାରପତିମାନଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଇ କହିଲେ ଯେ କର୍ତ୍ତବ୍ୟପାଳନରେ ଆମେମାନେ ଯେପରି ଆମମାନଙ୍କର ପୂର୍ବବର୍ତ୍ତୀ ବିଚାରପତି-ମାନଙ୍କ ଆସନକୁ ଆସି ବିଚାରଧାରାରୁ ଅନ୍ୟାୟକୁ ଦୂର କରିବା ପାଇଁ ସର୍ବାନ୍ତଃ-କରଣରେ କାର୍ଯ୍ୟ କରିଥାଇଁ, ଆପଣମାନେ ସେହିପରି କର୍ତ୍ତବ୍ୟପାଳନ କରି ଆପଣ-ମାନଙ୍କର ଉତ୍ତରାଧିକାରୀମାନଙ୍କ ସକାଶେ ପରମ୍ପରା ଓ ପରମ୍ପରା ରକ୍ଷିଯାଆନ୍ତୁ ଏବଂ ସେ ସଂସ୍କାର ଓ ପରମ୍ପରା ହେଉଛି—ଆପଣମାନଙ୍କର ବିଚାର ଅଦାଲତ ଅଧୀନରେ ଯେଉଁସବୁ ଅଧିବାସୀ ବାସ କରୁଛନ୍ତି, ସେମାନଙ୍କ ଅଧିକାର, ସ୍ୱାଧୀନତା ଓ ନିରାପଦରେ ଜୀବନଧାରଣ ଯେପରି ସୁରକ୍ଷିତ ହୁଏ ଓ ଆପଣମାନେ ନ୍ୟାୟ, ସମତାର ଉଚ୍ଚ ଆଦର୍ଶ ଯେପରି ଆପଣମାନଙ୍କ ଉତ୍ତରାଧିକାରୀମାନଙ୍କ ପାଇଁ ରକ୍ଷିଯାଆନ୍ତି ।

ଭାରତର ପ୍ରଧାନ ବିଚାରପତି ମାନ୍ୟବର ସାର ହରିଲାଲ କାନିଆଁ ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ସାର ଅଡ଼ିଓ୍ୱାଲଙ୍କ ଆବାହନ ପରେ ହାଇକୋର୍ଟ ସଂସ୍ଥାପନାରେ ଯେଉଁ ଉଦ୍‌ବୋଧନ ଭାଷଣ ଦେଲେ, ତାହା ଆହୁରି ମାତିବାଦ ପରିପୂର୍ଣ୍ଣ । ଶାସକ ଓ ବିଚାରପତିଙ୍କ ଭିତରେ ପ୍ରଭେଦ କେଉଁଠାରେ, ସେକଥା ସେ ଅତି ଚମତ୍କାର ଭାବରେ ଉପସ୍ଥାପିତ କରି କହିଲେ କି ଉଚିତ ପ୍ରକାରେ ନିଜର କର୍ତ୍ତବ୍ୟ ସାଧନ କରିବାରେ ଓ ଦେଶରେ ବାସ କରୁଥିବା ମାନବସମାଜର ସ୍ୱାର୍ଥ ନିରାପଦ ରଖିବା ଦିଗରେ ହାଇକୋର୍ଟର ସ୍ୱାଧୀନତା ରହିବା ଆବଶ୍ୟକ । ଯେଉଁମାନେ ଶାସନଦଣ୍ଡ ଧରି ଶାସକ ରୂପେ ରାଜ୍ୟଶାସନ କରୁଛନ୍ତି, ସେମାନେ ଆଇନର ସୀମାକୁ ଅତିକ୍ରମ କରିଗଲେ କି ନା, ସେକଥା ବିଚାର କରି ସ୍ଥିର କରିବାର ଅଧିକାର ଓ କର୍ତ୍ତବ୍ୟ ବିଚାରପତିମାନଙ୍କର । ଏଣୁ ବିଚାରବିଭାଗ ଅର୍ଥାତ୍ ସବୁଶ୍ରେଣୀର ବିଚାରପତିମାନଙ୍କୁ ଶାସନସଂସ୍ଥା ବା କର୍ମଚାରୀମାନଙ୍କ ଅଧୀନରେ ରଖିବା ଉଚିତ ନୁହେଁ । ମାନ୍ୟବର ସାର କାନିଆଁ ଏ ସମ୍ବନ୍ଧରେ କହିଲେ କି ବର୍ତ୍ତମାନ ପରିସ୍ଥିତି ଯାହା, ସେଥିରେ ପ୍ରାଦେଶିକ ବ୍ୟବସ୍ଥାସଭାର ସଂଖ୍ୟାଧିକ ଦଳ ଯେତେବେଳେ ବିଚାରବିଭାଗର ବିଚାରକ କର୍ମଚାରୀମାନଙ୍କର ବେତନ, ଭତ୍ତା, ଛୁଟି ପ୍ରଭୃତି ବିଷୟରେ କଟୁତ୍ୱ ପ୍ରୟୋଗ କରିବେ, ଅର୍ଥାତ୍ ପ୍ରଦେଶର ଶାସନକର୍ତ୍ତୃପକ୍ଷଙ୍କ ଇଚ୍ଛା ଓ ମର୍ଜିଉପରେ ଯଦି ବିଚାରପତିମାନେ ନିର୍ଭର କରିବେ, ତେବେ ଶାସନକର୍ତ୍ତୃପକ୍ଷ ଓ ସାଧାରଣ ଅଧିବାସୀଙ୍କ ଭିତରେ କୌଣସି ବିବାଦ ଘଟିଲେ, ସେଥିରେ ବିଚାରପତି ସବୁବେଳେ ଯେ ସ୍ୱାଧୀନ ଓ ନିରପେକ୍ଷ ରହିପାରିବେ, ଏ ଧାରଣା ସାଧାରଣଙ୍କ ଭିତରେ ଜନ୍ମାଇବା କଷ୍ଟସାଧ୍ୟ ହୋଇପଡ଼ିବ । ବିଚାରପତି ଯେତେ ବିବେକାନୁମୋଦିତ ଓ ନିରପେକ୍ଷଭାବରେ କାର୍ଯ୍ୟ କରନ୍ତୁ ନା କାହିଁକି ଜନସାଧାରଣ ତାଙ୍କୁ ସେହି ଭଳି ଭାବରେ ଦେଖିବାକୁ ଦ୍ୱିଧା କରିବେ । ତେଣୁ ମାନ୍ୟବର ଜଷ୍ଟିସ କାନିଆଁ ତାଙ୍କ ବକ୍ତୃତାରେ ମତପ୍ରକାଶ କରି କହିଲେ ଯେ ହାଇକୋର୍ଟକୁ ପ୍ରାଦେଶିକ ବ୍ୟବସ୍ଥାସଭାର ଅନ୍ତର୍ଭୁକ୍ତ ବିଷୟ କରିବା ଉଚିତ ନୁହେଁ; ଏହା କେନ୍ଦ୍ର ବ୍ୟବସ୍ଥାସଭାର ବିଷୟ ହେବା ଉଚିତ । ମୋଟ ଉପରେ ମାନ୍ୟବର କାନିଆଁ ବିଚାରବିଭାଗ ଓ ହାଇକୋର୍ଟକୁ ଏବଂ ପରିଣାମରେ ବିଚାରପତିମାନଙ୍କୁ ସର୍ବଥା ଶାସନ ନିୟନ୍ତ୍ରଣକାରୀ ସରକାରର କର୍ତ୍ତୃତ୍ୱରୁ ଅଲଗା ଓ ସ୍ୱାଧୀନ ରଖିବା ଉଚିତ ବୋଲି ମତ ପ୍ରକାଶ କରିଛନ୍ତି । ଏହା ବାସ୍ତବିକ ଶୋଚିଏ ଗୁରୁତ୍ୱପୂର୍ଣ୍ଣ ମତିଗତ ବିଷୟ ଏବଂ ଏଥିରେହିଁ ପ୍ରକୃତରେ ବିଚାରାଳୟମାନଙ୍କର ବାସ୍ତବ ସ୍ୱାଧୀନତା ଓ ନିରପେକ୍ଷତା ପ୍ରତିଷ୍ଠିତ ହୋଇ-

ସମାଜ ଓ ରାଷ୍ଟ୍ରରେ ବିଚାର ବିଭାଗର ସ୍ଥାନ

ଶାସନ ବିଭାଗର ଏଣ୍ଟିକୁ ସଜାଡ଼ିବା ବିଚାରବିଭାଗର କାର୍ଯ୍ୟ

ସବୁ ପରିସ୍ଥିତିରେ, ଭୟ ବା ପ୍ରଲୋଭନ ଏଡ଼ି ବିଚାରପତି ନିରପେକ୍ଷ ରହିବା ଉଚିତ

ଭାରତୀୟ ରାଷ୍ଟ୍ରର ସର୍ବୋଚ୍ଚ ବିଚାରାଳୟର ପ୍ରଧାନ ବିଚାରପତି ସାର୍ ହରିଲାଲ କାନିଆଙ୍କ ଓଡ଼ିଶା ହାଇକୋର୍ଟ ଉଦ୍‌ଘାଟନ ଭାଷଣ

କଟକ, ତା ୨୭।୭—ଆଜି ଓଡ଼ିଶା ହାଇକୋର୍ଟ ଉଦ୍‌ଘାଟନ କରି ଭାରତୀୟ ରାଷ୍ଟ୍ରର ସର୍ବୋଚ୍ଚ ବିଚାରାଳୟର ପ୍ରଧାନ ବିଚାରପତି ମାନ୍ୟବର ସାର୍ ହରିଲାଲ କାନିଆ ଙ୍କ ଦ୍ୱାରା ଅନୁଷ୍ଠିତ ହେଲା । ଆଜିଠାରୁ ଓଡ଼ିଶା ହାଇକୋର୍ଟର ପାଟଣା ହାଇକୋର୍ଟ ସହିତ ସମ୍ପର୍କ ତୁଟିଲା । ଓଡ଼ିଶା ହାଇକୋର୍ଟର ମାନ୍ୟବର ପ୍ରଧାନ ଓ ସଙ୍ଗୀ ବିଚାରପତିମାନେ ଶାସନର ବିଚାର ଦଣ୍ଡ ହାତରେ ଧରି ଶାସନର ଅଧିକାରୀ ରୂପେ ନ୍ୟାୟଶାସନ ନିର୍ବାହ କଲେ । ଏ ସମ୍ବନ୍ଧରେ ଆଜି ଯେଉଁସବୁ ଶୁଭେଚ୍ଛାପୂର୍ଣ୍ଣ ଉଦ୍‌ବୋଧନ-ଭାଷଣମାନ ଦିଆଗଲା, ସେସବୁରେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କୁହାଯାଇଛି । ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ମାନ୍ୟବର ଜଷ୍ଟିସ ଅଗ୍ରଓ୍ୱାଲ ଯଥାର୍ଥରେ ତାଙ୍କ ନିଜ ପକ୍ଷରୁ ଓ ପାଟଣା ହାଇକୋର୍ଟର ସଙ୍ଗୀ ବିଚାରପତିମାନଙ୍କ ପକ୍ଷରୁ ଶୁଭେଚ୍ଛା ଜଣାଇ କହିଲେ ଯେ କର୍ତ୍ତବ୍ୟପାଳନରେ ଆମେମାନେ ଯେପରି ଆମମାନଙ୍କର ପୂର୍ବବର୍ତ୍ତୀ ବିଚାରପତି-ମାନଙ୍କ ଆସନକୁ ଆସି ବିଚାରଧାରାରୁ ଅନ୍ୟାୟକୁ ଦୂର କରିବା ପାଇଁ ସର୍ବାନ୍ତଃ-କରଣରେ କାର୍ଯ୍ୟ କରିଥାଇଁ, ଆପଣମାନେ ସେହିପରି କର୍ତ୍ତବ୍ୟପାଳନ କରି ଆପଣ-ମାନଙ୍କର ଉତ୍ତରାଧିକାରୀମାନଙ୍କ ସକାଶେ ପରମ୍ପରା ରକ୍ଷିଯାଆନ୍ତୁ ଏବଂ ସେ ସଂସ୍କାର ଓ ପରମ୍ପରା ହେଉଛି—ଆପଣମାନଙ୍କର ବିଚାର ଅଦାଲତ ଅଧୀନରେ ଯେଉଁସବୁ ଅଧିବାସୀ ବାସ କରୁଛନ୍ତି, ସେମାନଙ୍କ ଅଧିକାର, ସ୍ୱାଧୀନତା ଓ ନିରାପଦରେ ଜୀବନଧାରଣ ଯେପରି ସୁରକ୍ଷିତ ହୁଏ ଓ ଆପଣମାନେ ନ୍ୟାୟ, ସମତାର ଉଚ୍ଚ ଆଦର୍ଶ ଯେପରି ଆପଣମାନଙ୍କ ଉତ୍ତରାଧିକାରୀମାନଙ୍କ ପାଇଁ ରକ୍ଷିଯାଆନ୍ତି ।

ଭାରତର ପ୍ରଧାନ ବିଚାରପତି ମାନ୍ୟବର ସାର ହରିଲାଲ କାନିଆଁ ପାଟଣା ହାଇକୋର୍ଟର ପ୍ରଧାନ ବିଚାରପତି ସାର ଅଡ଼ିଓ୍ୱାଲଙ୍କ ଆବାହନ ପରେ ହାଇକୋର୍ଟ ସଂସ୍ଥାପନାରେ ଯେଉଁ ଉଦ୍‌ଘାଟନ ଭାଷଣ ଦେଲେ, ତାହା ଆହୁରି ମାତିବାଦ ପରିପୂର୍ଣ୍ଣ । ଶାସକ ଓ ବିଚାରପତିଙ୍କ ଭିତରେ ପ୍ରଭେଦ କେଉଁଠାରେ, ସେକଥା ସେ ଅତି ଚମତ୍କାର ଭାବରେ ଉପସ୍ଥାପିତ କରି କହିଲେ କି ଉଚିତ ପ୍ରକାରେ ନିଜର କର୍ତ୍ତବ୍ୟ ସାଧନ କରିବାରେ ଓ ଦେଶରେ ବାସ କରୁଥିବା ମାନବସମାଜର ସ୍ୱାର୍ଥ ନିରାପଦ ରଖିବା ଦିଗରେ ହାଇକୋର୍ଟର ସ୍ୱାଧୀନତା ରହିବା ଆବଶ୍ୟକ । ଯେଉଁମାନେ ଶାସନଦଣ୍ଡ ଧରି ଶାସକ ରୂପେ ରାଜ୍ୟଶାସନ କରୁଛନ୍ତି, ସେମାନେ ଆଇନର ସୀମାକୁ ଅତିକ୍ରମ କରିଗଲେ କି ନା, ସେକଥା ବିଚାର କରି ସ୍ଥିର କରିବାର ଅଧିକାର ଓ କର୍ତ୍ତବ୍ୟ ବିଚାରପତିମାନଙ୍କର । ଏଣୁ ବିଚାରବିଭାଗ ଅର୍ଥାତ୍ ସବୁଶ୍ରେଣୀର ବିଚାରପତିମାନଙ୍କୁ ଶାସନସଂସ୍ଥା ବା କର୍ମଚାରୀମାନଙ୍କ ଅଧୀନରେ ରଖିବା ଉଚିତ ନୁହେଁ । ମାନ୍ୟବର ସାର କାନିଆଁ ଏ ସମ୍ବନ୍ଧରେ କହିଲେ କି ବର୍ତ୍ତମାନ ପରିସ୍ଥିତି ଯାହା, ସେଥିରେ ପ୍ରାଦେଶିକ ବ୍ୟବସ୍ଥାସଭାର ସଂଖ୍ୟାଧିକ ଦଳ ଯେତେବେଳେ ବିଚାରବିଭାଗର ବିଚାରକ କର୍ମଚାରୀମାନଙ୍କର ବେତନ, ଭତ୍ତା, ଛୁଟି ପ୍ରଭୃତି ବିଷୟରେ କଟୁତ୍ୱ ପ୍ରୟୋଗ କରିବେ, ଅର୍ଥାତ୍ ପ୍ରଦେଶର ଶାସନକର୍ତ୍ତୃପକ୍ଷଙ୍କ ଇଚ୍ଛା ଓ ମର୍ଜିଉପରେ ଯଦି ବିଚାରପତିମାନେ ନିର୍ଭର କରିବେ, ତେବେ ଶାସନକର୍ତ୍ତୃପକ୍ଷ ଓ ସାଧାରଣ ଅଧିବାସୀଙ୍କ ଭିତରେ କୌଣସି ବିବାଦ ଘଟିଲେ, ସେଥିରେ ବିଚାରପତି ସବୁବେଳେ ଯେ ସ୍ୱାଧୀନ ଓ ନିରପେକ୍ଷ ରହିପାରିବେ, ଏ ଧାରଣା ସାଧାରଣଙ୍କ ଭିତରେ ଜନ୍ମାଇବା କଷ୍ଟସାଧ୍ୟ ହୋଇପଡ଼ିବ । ବିଚାରପତି ଯେତେ ବିବେକାନୁମୋଦିତ ଓ ନିରପେକ୍ଷଭାବରେ କାର୍ଯ୍ୟ କରନ୍ତୁ ନା କାହିଁକି ଜନସାଧାରଣ ତାଙ୍କୁ ସେହି ଭଳି ଭାବରେ ଦେଖିବାକୁ ଦ୍ୱିଧା କରିବେ । ତେଣୁ ମାନ୍ୟବର ଜଷ୍ଟିସ କାନିଆଁ ତାଙ୍କ ବକ୍ତୃତାରେ ମତପ୍ରକାଶ କରି କହିଲେ ଯେ ହାଇକୋର୍ଟକୁ ପ୍ରାଦେଶିକ ବ୍ୟବସ୍ଥାସଭାର ଅନ୍ତର୍ଭୁକ୍ତ ବିଷୟ କରିବା ଉଚିତ ନୁହେଁ; ଏହା କେନ୍ଦ୍ର ବ୍ୟବସ୍ଥାସଭାର ବିଷୟ ହେବା ଉଚିତ । ମୋଟ ଉପରେ ମାନ୍ୟବର କାନିଆ ବିଚାରବିଭାଗ ଓ ହାଇକୋର୍ଟକୁ ଏବଂ ପରିଣାମରେ ବିଚାରପତିମାନଙ୍କୁ ସର୍ବଥା ଶାସନ ନିୟନ୍ତ୍ରଣକାରୀ ସରକାରର କର୍ତ୍ତୃତ୍ୱରୁ ଅଲଗା ଓ ସ୍ୱାଧୀନ ରଖିବା ଉଚିତ ବୋଲି ମତ ପ୍ରକାଶ କରିଛନ୍ତି । ଏହା ବାସ୍ତବିକ ଶୋଚିଏ ଗୁରୁତ୍ୱପୂର୍ଣ୍ଣ ମତିଗତ ବିଷୟ ଏବଂ ଏଥିରେହିଁ ପ୍ରକୃତରେ ବିଚାରାଳୟମାନଙ୍କର ବାସ୍ତବ ସ୍ୱାଧୀନତା ଓ ନିରପେକ୍ଷତା ପ୍ରତିଷ୍ଠିତ ହୋଇ-

ପାରିବ । ଆଜି ଏ ଅନୁଷ୍ଠାନରେ ତାଙ୍କର ପାଣ୍ଡିତ୍ୟ-ପୂର୍ଣ୍ଣ ଉଦ୍‌ବୋଧନ ଏବଂ ଓଡ଼ିଶା ଓ ପଶ୍ଚିମ-ବଙ୍ଗ ଲାଟଙ୍କର ଶୁଭେଚ୍ଛାପୂର୍ଣ୍ଣ ପ୍ରେରଣା ଓ ଓଡ଼ିଶା ହାଇକୋର୍ଟର ମାନ୍ୟବର ପ୍ରଧାନ ବିଚାର-ପତିଙ୍କର ଉଚ୍ଚ ଆଦର୍ଶ ରକ୍ଷା ପାଇଁ ଘୋଷଣା ଯେପରି ସମୟୋଚିତ, ସେହିପରି ଏ ଶୁଭାନୁଷ୍ଠାନ ପ୍ରତି ଓ ଦେଶବାସୀଙ୍କ ପ୍ରତି ପ୍ରେରଣାଦାୟକ ହୋଇଛି ।

——

ଓଡ଼ିଶା ହାଇକୋର୍ଟ ଉଦ୍‌ଘାଟନ ଉତ୍ସବ

ଭାରତର ଚିଫ୍ ଜଷ୍ଟିସ୍ ସାର୍ ହରିଲାଲ କାନିଆଙ୍କ ଦ୍ୱାରା ଅନୁଷ୍ଠିତ ହେଲା

ଏକ ଉନ୍ନତ ନିରପେକ୍ଷ ସ୍ୱାଧୀନ ନ୍ୟାୟବିଚାର ସମ୍ପର୍କରେ ପାଟନା ହାଇକୋର୍ଟର ପ୍ରଧାନ ବିଚାରପତି, ପଶ୍ଚିମବଙ୍ଗର ଲାଟ ଡକ୍ଟର କାଟଜୁ ଓ ଓଡ଼ିଶାର ଲାଟ ମାନ୍ୟବର ଆସଫ ଅଲ୍ଲିଙ୍କ ଭାଷଣ

ଆଡ଼ଭୋକେଟ ଜେନେରାଲ ସ୍ୱାମୀ ବିଚାରାନନ୍ଦ ଦାସଙ୍କର ଜଜମାନଙ୍କୁ ସ୍ୱାଗତ ଅଭିନନ୍ଦନ

ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ମାନ୍ୟବର ଜଷ୍ଟିସ ରାୟଙ୍କ ଉତ୍ତର
(ନିଜ ପ୍ରତିନିଧିଙ୍କଠାରୁ)

କଟକ, ତା ୨୭।୭।୪୮—ଆଜି ସକାଳେ ଓଡ଼ିଶା ହାଇକୋର୍ଟର ଉଦ୍‌ଘାଟନ ଉତ୍ସବ ହାଇକୋର୍ଟ ହତା ମଧ୍ୟସ୍ଥ ଏକ ସୁସଜ୍ଜିତ ସଭା ମଣ୍ଡପରେ ଓଡ଼ିଶା ପ୍ରଦେଶ ଓ ଓଡ଼ିଶା ଦେଶୀୟ ରାଜ୍ୟମାନଙ୍କର ସବୁ ଅଞ୍ଚଳରୁ ଆସିଥିବା ବହୁ ବିଶିଷ୍ଟ ଓକିଲ ଓ ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଭାରତର ଚିଫ୍ ଜଷ୍ଟିସ ମାନ୍ୟବର ସାର୍ ହରିଲାଲ କାନିଆଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । ସଭାମଣ୍ଡପଟି ଅତି ସୁନ୍ଦର ଭାବରେ ସଜା ହୋଇଥିଲା । ପ୍ରାୟ ସକାଳ ସାଢ଼େ ୮ଟା ଭିତରେ ସଭାମଣ୍ଡପ ନିମନ୍ତ୍ରିତ ଉଦ୍‌ରବ୍ୟକ୍ତିଙ୍କ ଦ୍ୱାରା ପୂର୍ଣ୍ଣ ହୋଇ ଯାଇଥିଲା । ୮ଟା ୪୦ ମଧ୍ୟରେ ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ମାନ୍ୟବର ବି, କେ, ରାୟ ଓ ଅନ୍ୟ ୩ ଜଣ ଯାକ ଜଜ ଆସି ପହଞ୍ଚିଲେ । ଓଡ଼ିଶାର ଚିଫ୍ ସେକ୍ରେଟେରୀ ସେମାନଙ୍କୁ ଜଜଙ୍କ କାମରାକୁ ପାଛୋଟି ନେଇଥିଲେ । ଏହା ପରେ ଭାରତର ଚିଫ ଜଷ୍ଟିସ ମାନ୍ୟବର ସାର କାନିଆ, ପାଟଣା ହାଇକୋର୍ଟର ଚିଫ ଜଷ୍ଟିସ ମାନ୍ୟବର ସାର ଲୁଇଫର୍ଡ ଅଗ୍ରଓ୍ୱାଲ ଓ ଓଡ଼ିଶାର ପ୍ରଧାନମନ୍ତ୍ରୀ ମାନ୍ୟବର ମହତାବ ଏବଂ ତାଙ୍କ ପଛେ ପଛେ ଓଡ଼ିଶାର ଲାଟ ମାନ୍ୟବର ଆସଫ ଅଲ୍ଲି ଓ ପଶ୍ଚିମବଙ୍ଗଲାର ଲାଟ ମାନ୍ୟବର ଡ଼: କାଟଜୁ ଆସି ପହଞ୍ଚିଥିଲେ । ଜଜଙ୍କ ବସିବା କୋଠିରେ ଓଡ଼ିଶାର ପ୍ରଧାନମନ୍ତ୍ରୀ ମାନ୍ୟବର ମହତାବ ଓଡ଼ିଶା ହାଇକୋର୍ଟ ଚିଫ ଜଷ୍ଟିସ ଓ ଅନ୍ୟାନ୍ୟ ଜଜମାନଙ୍କୁ ଓଡ଼ିଶା ଏବଂ ପଶ୍ଚିମ-ବଙ୍ଗର ଲାଟ, ଭାରତର ଚିଫ୍ ଜଷ୍ଟିସ ଓ ପାଟଣା ହାଇକୋର୍ଟର ଚିଫ୍ ଜଷ୍ଟିସଙ୍କ ସହିତ ପରିଚିତ କରାଇ ଦେଇଥିଲେ । ଏହା ପରେ ସମସ୍ତେ ଏକ ଶୋଭାଯାତ୍ରାରେ ସଭାମଣ୍ଡପ ମଧ୍ୟକୁ ଆସିଥିଲେ ଏବଂ ଚିଫ୍ ସେକ୍ରେଟେରୀ ସେମାନଙ୍କୁ ନେଇ ଯଥାସ୍ଥାନରେ ବସାଇଥିଲେ । 'ଜନମନଗଣ ଅଧିନାୟକ' ଜାତୀୟସଙ୍ଗୀତ ବୋଲାଯିବା ପରେ ଓଡ଼ିଶାର ଲାଟ ଭାରତର ଗଭର୍ଣ୍ଣର ଜେନେରାଲ ମାନ୍ୟବର ରାଜଗୋପାଳାଚାରୀ ପଠାଇଥିବା ବାର୍ତ୍ତା ପତ୍ର ଶୁଣାଇ ଦେଇ-ଥିଲେ । ପ୍ରଧାନମନ୍ତ୍ରୀ ମାନ୍ୟବର ମହତାବ ଭାରତର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ, ଭାରତ ରାଷ୍ଟ୍ରସଂଘ ଅଦାଲତର ଅନ୍ୟ ଦୁଇ ଜଜ, କଲିକତା, ଏଲାହାବାଦ, ବମ୍ବେ, ଆସାମ ପ୍ରଭୃତି ହାଇକୋର୍ଟର ପ୍ରଧାନ ବିଚାରପତି ଓ ପାଟଣା ହାଇକୋର୍ଟର ଅନ୍ୟାନ୍ୟ ବିଚାରପତି-ମାନେ ଯେଉଁ ବାର୍ତ୍ତା ପଠାଇଥିଲେ ତାହା ପାଠ କରି ଶୁଣାଇ ଦେଇଥିଲେ । ଏହା ପରେ ପାଟଣା ହାଇକୋର୍ଟର ଚିଫ୍ ଜଷ୍ଟିସ ମାନ୍ୟବର ସାର ଅଗ୍ରଓ୍ୱାଲ ଭାରତର ପ୍ରଧାନ ବିଚାରପତି ସାର କାନିଆଙ୍କୁ ନୂଆ ହାଇକୋର୍ଟ ଉଦ୍‌ଘାଟନ କରିବାପାଇଁ ଅନୁରୋଧ କରି ଏକ ଭାଷଣ ଦେଇଥିଲେ । (ପରେ ପ୍ରକାଶ ପାଇବ) ଏହାପରେ ଭାରତର ପ୍ରଧାନ ବିଚାରପତି ମାନ୍ୟବର କାନିଆ ହାଇକୋର୍ଟ ଉଦ୍‌ଘାଟନ କରି ଓ ଏହାର ଶୁଭ କାମନା କରି ଏକ ଭାଷଣ ଦେଇଥିଲେ । (ଅନ୍ୟତ୍ର ପ୍ରକାଶ ପାଇଛି) ଏହା ପରେ ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ମାନ୍ୟବର ରାୟ ଓ ଅନ୍ୟ ଚାରିଜଣ ଜଜ ଶପଥ ଗ୍ରହଣ କରିଥିଲେ । ଜଜମାନଙ୍କ ଶପଥ ଗ୍ରହଣ ପରେ, ପ୍ରଧାନ ବିଚାରପତି ଓ ଅନ୍ୟ ବିଚାରପତିମାନେ ଓଡ଼ିଶାର ଲାଟ, ବଙ୍ଗ ଲାଟ, ଭାରତର ପ୍ରଧାନ ବିଚାରପତି ଓ ପାଟନା ହାଇକୋର୍ଟର ପ୍ରଧାନ ବିଚାରପତିଙ୍କ ସହିତ କର ମର୍ଦ୍ଦନ କରିଥିଲେ । ଶପଥ ଦେବା ପୂର୍ବରୁ ଓଡ଼ିଶା ଲାଟ ମାନ୍ୟବର ଆସଫ ଅଲ୍ଲି ଏକ ଭାଷଣରେ ହାଇକୋର୍ଟର ଗୁରୁତ୍ୱ ବୁଝାଇ ଥିଲେ ।

(ଅନ୍ୟତ୍ର ପ୍ରକାଶ ପାଇଛି)

ତା ପରେ ଓଡ଼ିଶାର ଓକିଲମାନଙ୍କ ପକ୍ଷରୁ ଆଡ଼ଭୋକେଟ ଜେନେରାଲ ସ୍ୱାମୀ ବିଚାରାନନ୍ଦ ଦାସ ଅଙ୍ଗତରେ ଉଜ୍ଜ୍ୱଳ କଭଲି ଗୌରବମୟ ଓ ସମୃଦ୍ଧିଶାଳୀ ଥିଲା ଏବଂ କ୍ରମେ କ୍ରମେ ବର୍ତ୍ତମାନର ଶୋଚନୀୟ ଅବସ୍ଥାକୁ ଆସିଯାଇଛି ତାହା ଉଲ୍ଲେଖ କରି ଆଜିର ଏ ଐତିହାସିକ ଦିନରେ ଆନନ୍ଦ ପ୍ରକାଶ କରି ନୂଆ ହାଇକୋର୍ଟର ଜଜମାନଙ୍କୁ ଅଭିନନ୍ଦନ ଜଣାଇ ଥିଲେ । ଓଡ଼ିଶାର ପ୍ରଧାନ ବିଚାରପତି ମାନ୍ୟବର ବି, କେ, ରାୟ ଉତ୍ତରରେ ସେ ଓ ତାଙ୍କ ସହଯୋଗୀ ଜଜମାନେ ହାଇକୋର୍ଟର ଉଚ୍ଚ ଆଦର୍ଶ ରକ୍ଷା କରିବା ପାଇଁ ବରାବର ଚେଷ୍ଟା କରିବେ ବୋଲି କହି ଏକ ଉପଯୁକ୍ତ ଉତ୍ତର ଦେଇଥିଲେ ।

ପଶ୍ଚିମବଙ୍ଗଲାର ଲାଟ ଡକ୍ଟର କାଟଜୁ ଏକ ସଂକ୍ଷିପ୍ତ ଭାଷଣରେ ଓଡ଼ିଶା ହାଇକୋର୍ଟର ଉନ୍ନତି କାମନା କରି କହିଲେ ଯେ ହାଇକୋର୍ଟର ସ୍ୱାଧୀନତା ଓ ଖ୍ୟାତି ଅନେକ ଅଂଶରେ ଓକିଲମାନଙ୍କ ଉପରେ ନିର୍ଭର କରେ । ଯେଉଁଠାରେ ଚାଣୁଆ ଓ ସ୍ୱାଧୀନଚେତା ଓକିଲସଂଘମାନ ଥାଏ ସେଠାରେ ହାଇ-କୋର୍ଟର ଜଜ ଯେତେ ଦୁର୍ବଳ ହେଲେ ମଧ୍ୟ କାମରେ କେବେ ଅସୁବିଧା ଘଟେ ନାହିଁ । ଏହା ପରେ ଏକ ଓଡ଼ିଆ ସ୍ୱାଗତାତ୍ମକ ଗାନ ହୋଇ ଏ ଉତ୍ସବ ଶେଷ ହୋଇଥିଲା । ଉତ୍ସବର ସମସ୍ତ ବିବରଣୀ କଟକ ବେତାର କେନ୍ଦ୍ର କଟ୍ଟିପକ୍ଷ ପ୍ରଚାର କରିବା ବ୍ୟବସ୍ଥା କରିଥିଲେ ଓ ଓଡ଼ିଶାର ଚଳଚ୍ଚିତ୍ର ପ୍ରତିଷ୍ଠାନ ରୂପଭାରତୀ ଲିମିଟେଡ଼ ଏହାର ସମ୍ବାଦଚିତ୍ର ଗ୍ରହଣ କରିଥିଲେ ।

ହାଇକୋର୍ଟ ଆରମ୍ଭ ହେଲା

ଏ ଉତ୍ସବ ପରେ ପ୍ରଧାନ ବିଚାରପତି ଓ ଅନ୍ୟ ୩ ଜଣ ଜଜ ପ୍ରଧାନ ବିଚାରପତିଙ୍କ କୋର୍ଟରେ ଏକତ୍ରିତ ହୋଇଥିଲେ । ପ୍ରଦେଶର ବିଚାରାଧିପ, ଓକିଲମାନେ ଉପସ୍ଥିତ ଥିଲେ । ଓକିଲସଂଘ ପକ୍ଷରୁ ଆଡ଼ଭୋକେଟ ଜେନେରାଲ ସ୍ୱାମୀ ବିଚାରାନନ୍ଦ ଦାସ ଚିଫ ଜଷ୍ଟିସ ଓ ଅନ୍ୟାନ୍ୟ ଜଜମାନଙ୍କୁ ସ୍ୱାଗତ ଜଣାଇ ଏକ ଭାଷଣ ଦେଇଥିଲେ । ଉତ୍ତରରେ ମାନ୍ୟବର ଚିଫ ଜଷ୍